# ବାଲିସଇରାତ ନିଲାମ ଲାଗି ସର୍ଭେ

**ଜଳେଶ୍ୱର, ୩।୮(ସ୍ୱ.ପ୍ର.)**

ଉତ୍ତର ବାଲେଶ୍ୱରର ଜଳେଶ୍ୱର, ବସ୍ତା ଓ ବାଲିଆପାଳ ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀର ନୂତନ ଭାବେ ସୃଷ୍ଟି ହୋଇଥିବା ବାଲିପଠାକୁ ନିଲାମ ଦେବା ଲାଗି ସର୍ଭେ ଆରମ୍ଭ ହୋଇଛି। ବାଲେଶ୍ୱର ଉପଜିଲାପାଳଙ୍କ ନିର୍ଦ୍ଦେଶରେ ରବିବାର ଏକ ୨୫ଜଣିଆ ଟିମ୍ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନ ବୁଲି ସର୍ଭେ କରିଛନ୍ତି। ଗତ ଜୁଲାଇ ୨୭ତାରିଖରେ ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପଟେଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସ୍ଥାନର ବାଲି ସଇରାତ ସମ୍ପର୍କରେ ଆଲୋଚନା ହୋଇଥିଲା। ତେଣୁ ଜିଲାପାଳଙ୍କ ଚିଠି (ନଂ. ୫୦୭ ତା ୨୭।୭।୨୦) ଅନୁଯାୟୀ ଅଗଷ୍ଟ ୨ତାରିଖରେ ୫ଟି ବିଭାଗର କର୍ମଚାରୀଙ୍କୁ ନେଇ ଜିଲାର ବିଭିନ୍ନ ନୂଆ ବାଲିସଇରାତ ସମ୍ପର୍କରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ରବିବାର ସୁବର୍ଣ୍ଣରେଖା ନଦୀର ଏକତାଳି (କ), ଏକତାଳି (ଖ), ଗୋବର୍ଦ୍ଧନପୁର, ଚୋରମରାର ଚଣ୍ଡି ବସ୍ତି, ଗଡସାହିବାଲିଆପାଳ, ଦିନା ବେଲବାରିଆ, ପାଳବେଗୁନିଆ ଓ ବାଲିଆପାଳସ୍ଥିତ ନୂତନ ବାଲି ସଇରାତଗୁଡ଼ିକରେ ସର୍ଭେ କରାଯାଇଛି। ଉପଜିଲାପାଳ ବାଲି ସଇରାତଗୁଡ଼ିକର ସ୍ଥିତି, ପ୍ରଦୂଷଣ ବୋର୍ଡ଼, ଖଣି ଆଇନ, ଜଙ୍ଗଲ ବିଭାଗ ଆଇନ ଓ ଜଳସେଚନ ବିଭାଗର ମତାମତ ସହିତ ରାଜସ୍ୱ ବିଭାଗର ତହସିଲଦାରମାନଙ୍କ ମତାମତକୁ ପର୍ଯ୍ୟାଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଏହି ଟିମ୍‌ରେ ରିଜିଓନାଲ ଷ୍ଟେଟ୍ କଣ୍ଟ୍ରୋଲ ବୋର୍ଡ଼ ପକ୍ଷରୁ ଅନୀଲ କୁମାର ବାରିକ, ବାରିପଦା ମାଇନିଂ ଅଫିସ୍ ପକ୍ଷରୁ ସୁରେନ୍ଦ୍ର ସିକ୍‌ଲେ, ଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ପ୍ରିୟବ୍ରତ ସିଂ, ନିର୍ମଳକାନ୍ତି ଜେନା, ବନବିଭାଗର ଏସ୍‌ସିଏଫଓ ତପନ କୁମାର ପରିଡା, ସରୋଜ କୁମାର ମହାନ୍ତି, ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ସୁପରଭାଇଜର ଶୁଭେନ୍ଦୁ କୁମାର ସାହୁ, ଜମଳାପୁର ଆର୍‌ଆଇ ପ୍ରଭୁରାମ କାସ୍ତ, ଅମୀନଲ ପ୍ରତାପ କୁମାର ଭଞ୍ଜଙ୍କ ସହିତ ବସ୍ତା, ରେମୁଣା, ବାଲିଆପାଳର ତହସିଲଦାରମାନେ ଉପରୋକ୍ତସ୍ଥାନଗୁଡ଼ିକୁ ଅନୁଧାନ କରି ଫେରିଛନ୍ତି। ଉପରୋକ୍ତ ସ୍ଥାନରେ ଚୋରାରେ ବାଲିଚାଲାଣ ହେଉଥିବାରୁ ସରକାରଙ୍କ ରାଜସ୍ୱ ବଢ଼ାଇବାକୁ ଲକ୍ଷ୍ୟରେ ରଖି ଏପରି କରାଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି।



ବିଭିନ୍ନ ବିଭାଗର ଅଧିକାରୀମାନେ ସୁବର୍ଣ୍ଣରେଖା ନଦୀର ଏକତାଳି ନିକଟରେ ସର୍ଭେ କରୁଛନ୍ତି।

## ସଂକ୍ଷେପରେ

### ଦୁଇ ଆନ୍ତଃଜିଲା ବାଇକ୍ ଚୋର ଗିରଫ ୨୫ ବାଇକ୍ ଉଦ୍ଧାର

**ସୋର, ୩।୮(ଡି.ଏନ.ଏ.):** ବାଲେଶ୍ୱର-ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରୁ ୨୫ଟି ବାଇକ୍ ଓ ଦୁଇଟି ସ୍କୁଟି ଚୋରିରେ ସମ୍ପୃକ୍ତ ଥିବା ଦୁଇ ଆନ୍ତଃ ଜିଲା ବାଇକ୍ ଚୋରଙ୍କୁ ସୋର ପୋଲିସ ଗିରଫ କରିଛି। ଏନେଇ ସୋର ଥାନାଧିକାରିଣୀ ମଧୁମିତା ମହାନ୍ତି ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଦୁଇଜଣ ହେଲେ ଭଦ୍ରକ ପୁରୁଣାବଜାରର ସେକ ବବୁଲ ଓ ସୋର କାଜିମହଲାର ସେକ ବାବୁ। ଏନେଇ ସୋର ଥାନାରେ ମାମଲା (ନଂ. ୨୩୫/୨୦) ରୁଜୁ କରାଯାଇଛି। ସୋର ପୋଲିସ ବାଇକ୍‌ଗୁଡ଼ିକୁ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରୁ କିଣିଥିବା ଲୋକଙ୍କଠାରୁ ଉଦ୍ଧାର କରିଛି। ସୂଚନା ଯେ, ଦୀର୍ଘଦିନ ଧରି ଚାଲିଥିବା ବାଇକ୍ ଚୋରି ର୍‍ୟାକେଟ୍‌କୁ ସୋର ପୋଲିସ ଧରିବାକୁ ସକ୍ଷମ ହୋଇଛି।

### କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ: ଭାଜପାର ଧାରଣା ସ୍ଥଗିତ

**ବଡ଼ସାହି/ବୈଶିଙ୍ଗା, ୩।୮(ସ୍ୱ.ପ୍ର./ଡି.ଏନ୍.ଏ.):** ବେତନଟୀ ତହସିଲ୍ ଅଞ୍ଚଳରେ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ବାବଦରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ ହୋଇଥିବା ଏବଂ ଏଥିରେ ପୂର୍ବତନ ତହସିଲଦାର ଅନୀସା ଦାସଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର କ୍ରାଇମବ୍ରାଞ୍ଚ ଟିମ୍ ମୟୂରଭଞ୍ଜ ଏସ୍‌ପି ଅଫିସରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ପୂର୍ବତନ ତହସିଲଦାର ଦାସଙ୍କ ଗିରଫ ଦାବିରେ ଭାଜପା ପକ୍ଷରୁ ବୈଶିଙ୍ଗା ଥାନା ପରିସରରେ ଚାଲିଥିବା ଧାରଣାକୁ ସାମୟିକ ସ୍ଥଗିତ ରଖାଯାଇଛି। ରାଜ୍ୟ ସରକାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିବାରୁ ଭାଜପା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ତେବେ ଆସନ୍ତା ୫ ତାରିଖ ସୁଦ୍ଧା ଯଦି ତହସିଲଦାରଙ୍କୁ ଗିରଫ କରା ନ ଯାଏ ତେବେ ୬ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା କହିଛନ୍ତି।

### ଆଇଏଏସ୍ ଅଫିସର ଜେ.ସୋନାଲଙ୍କୁ ଗଜପତି ଜିଲା ଦାୟିତ୍ୱ

**ପାରଳାଖେମୁଣ୍ଡି, ୩।୮(ସ୍ୱ.ପ୍ର.):** ଗଜପତି ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହା ଉଭୟ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ତେଣୁ ଜିଲାରେ କରୋନା ପରିଚାଳନା ପାଇଁ ରାଜ୍ୟ ସରକାର ଆଇଏଏସ୍ ଅଫିସର ଜେ.ସୋନାଲଙ୍କୁ ଓଏସ୍‌ଡି ରୂପେ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି। ଏ ନେଇ ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ଶୀଘ୍ର ଜିଲାରେ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ସେହିପରି ଜିଲାରେ କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୭ଜଣ ଅତିରିକ୍ତ ଡାକ୍ତରଙ୍କୁ ନିଯୁକ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୩ଜଣ ସୋମବାର ଦାୟିତ୍ୱ ଗ୍ରହଣ କରିଥିବାବେଳେ ଅବଶିଷ୍ଟ ଡାକ୍ତର ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ ବୋଲି ସିଡିଏମ୍‌ଓ ପ୍ରଦୀପ କୁମାର ପାତ୍ର ସୂଚନା ଦେଇଛନ୍ତି।

## ତହସିଲଦାର, ସହକର୍ମୀଙ୍କୁ ଆକ୍ରମଣ

**ବାସୁଦେବପୁର, ୩।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତର ରଥପଦାଠାରେ କୋଭିଡ୍ ସମ୍ପର୍କିତ ଯାଞ୍ଚ ବେଳେ ବାସୁଦେବପୁର ତହସିଲଦାର ଓ ତାଙ୍କ ସହକର୍ମୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅଭିଯୋଗକୁ ଭିତ୍ତି କରି ବାସୁଦେବପୁର ଥାନାରେ ଏକ ମାମଲା (ନଂ.୧୯୨/୨୦) ରୁଜୁ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ତହସିଲଦାର ପାଣିଗ୍ରାହୀ ଓ ପଢୁଁଆ ପଞ୍ଚାୟତର ରାଜସ୍ୱ ନୀରିକ୍ଷକ ସୌମ୍ୟରଞ୍ଜନ ମହାଲିକ ତହସିଲ ଗାଡ଼ିରେ କୋଭିଡ଼ ନିୟମ ଭଙ୍ଗ କରୁଥିବା ଦୋକାନ ଯାଞ୍ଚ ପାଇଁ ରଥପଦା ଯାଇଥିବା ବେଳେ ସେଠାରେ କେତେକ ବ୍ୟକ୍ତି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ମରଣାନ୍ତକ ଆକ୍ରମଣ କରିଥିଲେ। ରାସ୍ତାକଡ଼ରେ କେତେଜଣ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଇଥିବା ତହସିଲଦାରଙ୍କ ନଜରକୁ ଆସିଥିଲା। ଏହି ବ୍ୟକ୍ତିମାନେ ମୁହଁରେ ମାସ୍କ ନ ଦେଇ ବସିଥିବାରୁ ତହସିଲଦାର ଓ ରାଜସ୍ୱ ନୀରିକ୍ଷକ ତଥା ତହସିଲ ଗାଡ଼ି ଡ୍ରାଇଭର ମନୋରଞ୍ଜନ ଦାସ ସେମାନଙ୍କୁ ତାଗିଦ୍ କରିଥିଲେ। ସେମାନେ ଉତ୍‌କ୍ଷିପ୍ତ ହୋଇ ତହସିଲଦାର, ଆର୍‌ଆଇ ଓ ଗାଡ଼ି ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପ୍ରଦୀପ କୁମାର ମାଝୀ କହିଛନ୍ତି।

## ଟ୍ରେଲର ଓ କାର୍ ଦୁର୍ଘଟଣା: ୨ ମୃତ

**ସୋର, ୩।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ୧୬ନଂ. ଜାତୀୟ ରାଜପଥ ତଳନଗର ଠାରେ ସୋମବାର ଏକ ଟ୍ରେଲର ପଛକୁ ଏକ କାର୍ ଧକ୍କା ଦେବାରୁ କାର୍‌ରେ ଥିବା ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଅଛନ୍ତି। ମୃତକ ଦୁଇଜଣ ହେଲେ ପଶ୍ଚିମ ମୁକୁନ୍ଦପୁର ଅଞ୍ଚଳର ସେକ ମୁର୍ତାଜ ଓ କମାଲ ସାହା। ଅନ୍ୟଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସୋର ପୋଲିସ ଦୁଇଟି ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଗଜପତିରୁ ୬୧ ନୂଆ ସଂକ୍ରମିତ: ୨ ମୃତ

**ପାରଳାଖେମୁଣ୍ଡି, ୩।୮(ସ୍ୱ.ପ୍ର.):** ଗଜପତି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ନିୟମିତଭାବେ ବଢ଼ିଚାଲିଛି। ଜିଲାରୁ ୬୧ ନୂଆ ପଜିଟିଭ ଚିହ୍ନଟ ହୋଇଥିବା ସୋମବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜିଲାରୁ ଆଉ ୨ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ନୂତନ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୧୬୬୧ରେ ପହଞ୍ଚିଛି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳରୁ ସର୍ବାଧିକ ୧୭ଜଣ, ଗୁମ୍ମା ବ୍ଲକ୍‌ରୁ ୧୦, ଗୋଷାଣୀ ବ୍ଲକ ୬, ରାୟଗଡ଼ ବ୍ଲକ୍ ୯, କାଶୀନଗର ବ୍ଲକ୍ ୫, ନୂଆଗଡ଼ ବ୍ଲକ୍ ୩, ମୋହନା ବ୍ଲକ୍‌ରୁ ୧୦ ଏବଂ ଆନ୍ଧ୍ରପ୍ରଦେଶର ଜଣେ ରହିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ୩ କରୋନା ଯୋଦ୍ଧା ରହିଛନ୍ତି। ସେହିପରି ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚବେଳେ ୪୬ଜଣ ଚିହ୍ନଟ ହୋଇଥିବାବେଳେ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୧୨ ଜଣ ସଂକ୍ରମିତ ହୋଇଥିବା ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ସହରର ୨ବ୍ୟକ୍ତିଙ୍କ ଜିଲା ବାହାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଜଣେ ବ୍ୟକ୍ତିଙ୍କ ଗଞ୍ଜାମ ଜିଲା ଶୀତଳାପଲ୍ଲୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କ ଭୁବନେଶ୍ୱର ସମ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏଥିସହ ଜିଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଜିଲାବାସୀ ସତର୍କ ରହିବା ସହ କରୋନାଜନିତ କୌଣସି ସୂଚନା ମିଳିଲେ ପ୍ରଶାସନକୁ ଜଣାଇବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି।

## ଘର ଘର ବୁଲି ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ଖଇରା, ୩।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଚଳିତ ବର୍ଷ ଏ-୧ ତାଲିକାରେ ରହିଥିବା ୧୧ ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଛନ୍ତି। ସୋମବାର ଅପରାହ୍ଣରେ ମନ୍ତ୍ରୀ ପ୍ରଥମେ ଗଣ୍ଡିବେଡ ହାଇସ୍କୁଲରୁ ୫୪୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଅନିତା ନାୟକଙ୍କୁ ତାଙ୍କ ସାଦିକପୁର ଘରକୁ ଯାଇ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ସମ୍ପେଇ ସ୍କୁଲର କୃତିବାସ ରଥ, ପଳାସପୁର ହାଇସ୍କୁଲ ହରପ୍ରିୟା ଆରୁଖ, ନନ୍ଦୁର ହାଇସ୍କୁଲର ବିକାଶ କୁମାର ନାୟକ, ସୁଣ୍ଡିରା ହାଇସ୍କୁଲର ବିପିନ ବିହାରୀ ଦାସ, ଖଇରା ହାଇସ୍କୁଲର ପୃଥ୍ୱୀରାଜ ଶନିବିଗ୍ରହଙ୍କ ସମେତ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ଅଭିଭାବକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଦେଇଥିଲେ।



କୃତୀ ଛାତ୍ରଙ୍କୁ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଛନ୍ତି।

## ଆମ୍ବୁଲାନ୍ସକୁ ଅପେକ୍ଷା କରି ବୃଦ୍ଧଙ୍କ ପ୍ରାଣଗଲା

**ବୁଗୁଡ଼ା, ୩।୮(ଡି.ଏନ.ଏ)**

ଗୁରୁତର ରୋଗୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସେବା ଯୋଗାଇବା ପାଇଁ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା ରହିଛି। ତେବେ ଠିକ୍ ସମୟରେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଜଣେ ବୃଦ୍ଧଙ୍କ ପ୍ରାଣ ଯାଇଛି। ମୃତକ ହେଲେ ବୁଗୁଡ଼ା କେନାଲ ସାହିର ନିରଞ୍ଜନ ବେହେରା (୬୦)। ନିରଞ୍ଜନ ରବିବାର ରାତିରୁ ଅସୁସ୍ଥ ଥିଲେ ମଧ୍ୟ ସୋମବାର ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବା ଯୋଗୁ ତାଙ୍କୁ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଅକ୍ସିଜେନ ଦେଇ ତୁରନ୍ତ ବ୍ରହ୍ମପୁର ନେବା ପାଇଁ ଡ଼ାକ୍ତର କହିଥିଲେ। ତେଣୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଏବଂ ୧୦୪ ଆମ୍ବୁଲାନ୍ସକୁ ଜଣାଇବା ସହ ବିଡିଓଙ୍କୁ ଖବର କରିଥିଲେ। ହେଲେ ୧୦୪ ଆମ୍ବୁଲାନ୍ସ କେବଳ କୋଭିଡ୍ ରୋଗୀଙ୍କୁ ନେବ ବୋଲି କହି ଏଡ଼ାଇଥିବା ବେଳେ ୧୦୮ ଆମ୍ବୁଲାନ୍ସ ବର୍ତ୍ତମାନ ନାହିଁ କହି କଲ କାଟି ଦେଇଥିଲେ। ଶେଷରେ ବିଡିଓ ତନ୍ମୟ ପାତ୍ର ସନ୍ଧ୍ୟା ୫ଟାରେ ଗାଡ଼ି ଠିକ୍ ହୋଇଛି କହିଲା ବେଳକୁ ବୃଦ୍ଧ ନିରଞ୍ଜନଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା

## ସାପକାମୁଡ଼ାରେ ମହିଳା ମୃତ

**କେନ୍ଦୁଝର, ୩।୮ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ପିଛୁଲାବେଢ଼ା ଗ୍ରାମର ସୁକୁମାରୀ ମୁଣ୍ଡା ନାମ୍ନୀ ମହିଳାଙ୍କ ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ରବିବାର ସୁକୁମାରୀ ମଶାରୀ ଟାଣି ଘରେ ଶୋଇଥିଲେ। ସେ ମଶାରୀ ଭିତରୁ ଗୋଡ଼ ବାହାର କରିଥିବା ବେଳେ ଭୋର ସମୟରେ ଏକ ଚିତ୍ତି ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ପାଟଣା ମେଡିକାଲ ଏବଂ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଯାଇଥିଲେ। ସୋମବାର ତାଙ୍କର ମୃତ୍ୟୁ ହୋଇଛି।

## ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

**ଭଞ୍ଜନଗର, ୩।୮(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ଭଞ୍ଜନଗର ଓ ଆସିକାରେ ୨ଟି କୋଭିଡ୍ ହସ୍ପିଟାଲ ଭୁବନେଶ୍ୱରର ୨ ଘରୋଇ ହସ୍ପିଟାଲ ସହାୟତାରେ କରିବା ପାଇଁ ପ୍ରଶାସନ ଯୋଜନା କରିଛି। ଏଥିପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଚାଲିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ସ୍ଥିତିରେ ସୋମବାର ସନ୍ଧ୍ୟାରେ ସ୍ୱତନ୍ତ୍ର ଏଡିଏମ୍ ବିଶାଲ ସିଂ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜନସାଧାରଣ କୋଭିଡ୍ ନିୟମ ମାନି ଚଳିବାକୁ ଆହ୍ୱାନ କରିଛନ୍ତି। ଯଦି କୌଣସି ବ୍ୟକ୍ତି ଏହାର ଉଲ୍ଲଂଘନ କରନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି, କରୋନାକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଗ୍ରାମାଞ୍ଚଳରେ ଚିକିତ୍ସା କରୁଥିବା କ୍ୱାକ୍‌ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କଣ୍ଟେନମେଣ୍ଟ ଜୋନ ଅଞ୍ଚଳର ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଇଛି। ସ୍ୱାବ୍ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବା ଯୋଗୁ ଏବେ ଆଣ୍ଟିଜେନ ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏଡ଼ିଏମ୍, ଉପ ଜିଲାପାଳ।

ଭଞ୍ଜନଗର ସ୍ୱାବ୍ ସଂଗ୍ରହ କେନ୍ଦ୍ରରେ ଦୈନନ୍ଦିନ ପ୍ରାୟ ୫ଶହ ଆଣ୍ଟିଜେନ ପରୀକ୍ଷା କରାଯାଉଛି। ଲକ୍ଷଣ ଥିବା ଲୋକଙ୍କୁ ପ୍ରାଥମିକତା ଦେଇ ପରୀକ୍ଷା କରାଯାଉଛି। ଭଞ୍ଜନଗର ଉପଖଣ୍ଡରେ ରବିବାର ସୁଦ୍ଧା ୧୪୩୧୭ଜଣଙ୍କ ପରୀକ୍ଷା କରାଯାଇଥିବା ବେଳେ ୩୨୬୩ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ୨୩୯୬ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ସୁସ୍ଥତା ହାର ୭୩.୪୩ ପ୍ରତିଶତ। ଉପଖଣ୍ଡରେ ୫୧ଜଣଙ୍କ ମୃତ୍ୟୁ ଘଟିଛି। ଭଞ୍ଜନଗର ଉପଖଣ୍ଡରେ କରୋନା ସମ୍ପର୍କରେ ସହାୟତା କରିବା ପାଇଁ ହେଲପ୍ ଲାଇନ ନମ୍ବର ୮୨୬୦୮୧୨୩୭୧ ଜାରି କରାଯାଇଛି। ଉପଖଣ୍ଡରେ ୨୦ଟି ଆମ୍ବୁଲାନ୍ସ ଅଛି। କରୋନାରୁ ସୁସ୍ଥ ହୋଇ ଫେରିଥିବା ୧୧୪ ଜଣ ପ୍ଲାଜମା ଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୧୧୩ଜଣଙ୍କୁ କୋଭିଡ୍ ବନ୍ଧୁ ଭାବେ ଚିହ୍ନଟ କରାଯାଇଛି। ସେମାନେ ଅନ୍ୟ ଆକ୍ରାନ୍ତଙ୍କୁ ସାହାସ ଯୋଗାଇଦେବେ। ପ୍ରବାସୀ ଓଡ଼ିଆ ଏବଂ ଅନ୍ୟ ଅଞ୍ଚଳରୁ ଉପଖଣ୍ଡକୁ ଆସିଥିବା ୧୭୫୨ ଜଣ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି। ହୋମ ଆଇସୋଲେସନ, ସିସିସି, କୋଭିଡ୍ ହସପିଟାଲରେ ରହି ଚିକିତ୍ସିତ ହେଉଥିବା ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଘରେ ରହି ଚିକିତ୍ସା ହେବା ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି। ଲୋକେ ଭୟଭିତ ନହୋଇ ନିଜ ଆଡୁ ପରୀକ୍ଷା ପାଇଁ ଆସିବାକୁ ସ୍ୱତନ୍ତ୍ର ଏଡିଏମ ଖବରଦାତା ସମ୍ମିଳନୀରେ ଆହ୍ୱାନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଉପସ୍ଥିତ ଥିଲେ।

## ଦିନକରେ ୧୩୩ ପଜିଟିଭ

ବାଲେଶ୍ୱରରେ ସର୍ବାଧିକ ୭୯

**ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ ବାରିପଦା ଅଫିସ/ ବଡସାହି, ୩।୮(ସ୍ୱ.ପ୍ର.)**

ଉତ୍ତରଓଡ଼ିଶାରେ ସୋମବାର ୧୩୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲାରେ ସର୍ବାଧିକ ୭୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ବାଲେଶ୍ୱର ଜିଲାରେ ମୋଟ୍ ସଂକ୍ରମିତ ସଂଖ୍ୟା ୧୦୯୧ରେ ପହଞ୍ଚିଛି। ସେଥିମଧ୍ୟରୁ ୭୪୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୩୪୪ ବିଭିନ୍ନ କୋଭିଡ୍ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି। କରୋନାରେ ୩ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୩ଜଣ ଅନ୍ୟ ରୋଗରେ ମୃତ୍ୟୁବରଣ କରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛନ୍ତି। ଭଦ୍ରକ ଜିଲାରେ ୨୫ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୭୭ ଛୁଇଁଛି। ସଙ୍ଗରୋଧରୁ ୨ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ୨୩ ସ୍ଥାନୀୟ ସଂକ୍ରମଣ ବୋଲି କୁହାଯାଇଛି। ୫୬୫ ଜଣ ସୁସ୍ଥ ହୋଇଥିବା ବେଳେ ୧୧୦ଜଣ ଏବେ ଚିକିତ୍ସାଧୀନ ଅଛନ୍ତି। ୨ଜଣଙ୍କ ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲାରେ କରୋନା ସ୍ଥିତି ସାଂଘାତିକ ହେବାରେ ଲାଗିଛି। ବିଶେଷକରି ସ୍ଥାନୀୟ ସଂକ୍ରମଣ ଜିଲାବାସୀଙ୍କ ଚିନ୍ତା ବଢ଼ାଇଛି। ୨୯ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୦ ସ୍ଥାନୀୟ ସଂକ୍ରମଣ ବୋଲି ସୂଚନା ମିଳିଛି।

# ପ୍ଲାଜ୍‌ମା ଦାନ, କୋଭିଡ୍ ପରିଚାଳନା ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୩।୮**

ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ, ଆଇନ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ସୋମବାର ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ପ୍ଲାଜମା ଦାନ ଓ କୋଭିଡ଼ ପରିଚାଳନା ଉପରେ ଗୁରୁତ୍ୱ ଦେବା ସହ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜିଲା ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ସାମ୍ପ୍ରତିକ ମହାମାରୀ କରୋନା ସମୟରେ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସବୁ ମହଲରୁ ସହଯୋଗ ପାଇଁ ମନ୍ତ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ।

କରୋନା ସଂକ୍ରମଣ ରୋକିବା ଓ ଅତ୍ୟନ୍ତ ସଙ୍କଟାପନ ରୋଗୀଙ୍କ ଚିକିତ୍ସା ପାଇଁ ବାଲେଶ୍ୱରରେ ପ୍ଲାଜମା ସଂଗ୍ରହ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ। ପ୍ଲାଜମା ଥେରାପି ଚିକିତ୍ସା ଉପରେ ସେ ଜୋର ଦେଇଥିଲେ। ଜିଲାରେ ସ୍ୱଚ୍ଛତା ରକ୍ଷା ସାଙ୍ଗକୁ ଗ୍ରାମାଞ୍ଚଳରେ ପ୍ରତ୍ୟେକ ଘରେ ପାନୀୟଜଳ ଯୋଗାଣ ନିମନ୍ତେ ମେଗା ୱାଟର ସପ୍ଲାଇ ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ଓ ବାଲେଶ୍ୱର ସହରରେ ୨୦, ୭୭୭ ପରିବାରକୁ ଆସନ୍ତା ଅକ୍ଟୋବର ସୁଦ୍ଧା ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଏବଂ ପାଇପ୍ ବିଛାଇବା କାର୍ଯ୍ୟରେ ନଷ୍ଟ ହୋଇଥିବା ରାସ୍ତାକୁ ତୁରନ୍ତ ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାଲେଶ୍ୱର ପୌରାଞ୍ଚଳରେ କୋଟିଏ ଲେଖାଏଁ ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ଶ୍ମଶାନ ଓ ସ୍ମାର୍ଟ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ ସେ କହିଥିଲେ। ସହର ବିଭିନ୍ନ ଅଞ୍ଚଳରେ ୫ଗୋଟି ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ ଓ ୫ଟି ମାଟେରିଆଲ ରିକଭରିଂ ପ୍ଲାଣ୍ଟ ସ୍ଥାପନ ପ୍ରକ୍ରିୟା ଜାରି ରହିଛି। ବଲେଶ୍ୱର ସହରର ୪ ଗୋଟି ମୁଖ୍ୟ ରାସ୍ତା ଯଥା ଆଇଟିଆଇଛକରୁ ତାମୁଲିଆ, ବିଦ୍ୟୁତ୍ ମାର୍ଗରୁ ଶୋଭାରାମପୁର ରେଲୱେ ଗେଟ୍, ସହଦେବଖୁଣ୍ଟା ଓଭରବ୍ରିଜ୍‌ରୁ ସହଦେବଖୁଣ୍ଟା ଦୁର୍ଗାମଣ୍ଡପ ଏବଂ ସହଦେବଖୁଣ୍ଟା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟଠାରୁ ସୂରଜ ହୋଟେଲ ପର୍ଯ୍ୟନ୍ତ ରାସ୍ତାରେ ନୂତନ ଭାବେ ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଥିଲେ। ବୈଠକରେ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅନନ୍ତ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ବାଲେଶ୍ୱର ଉପଜିଲାପାଳ ତଥା ପୌରପାଳିକା ନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଆରଡ଼ବ୍ଲ୍ୟୁଏସଏସ ଅଧୀକ୍ଷଣ ଯନ୍ତ୍ରୀ ଏସବି ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତ, ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀ ବସନ୍ତ କୁମାର ସେନାପତି, ଅଧୀକ୍ଷଣ ଯନ୍ତ୍ରୀ ପ୍ରମୋଦ କୁମାର ନାୟକ, ନିର୍ବାହୀ ଯନ୍ତ୍ରୀ ପରମେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରୁଛନ୍ତି।

ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

## ପ୍ରବାସୀ ଭଉଣୀଭାଇଙ୍କ ମଧ୍ୟରେ ରକ୍ଷାବନ୍ଧନ

**ବନ୍ତ, ୩।୮(ଡି.ଏନ୍.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଓଡଙ୍ଗ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୋମବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହିକେନ୍ଦ୍ରରେ ରହୁଥିବା ପ୍ରବାସୀ ଭଉଣୀମାନେ ୬୦ ପ୍ରବାସୀ ଭାଇମାନଙ୍କୁ ବନ୍ଦାପନା କରି ହାତରେ ରାଖୀ ବାନ୍ଧିଥିଲେ। ସରପଞ୍ଚ କିଶୋର କିଙ୍କର ପଢିଆରୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 557/ NIT-009 / 2020-21 Dated : 27th Jul 2020
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Renovation of Mini Auditorium inside the campus of AIIMS, Bhubaneswar** *(NIT No. : AIIMS/BBSR/Engg./ 009 /2020-21)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com / AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

## ସଂକ୍ଷେପରେ

### ଏମ୍‌କେସିଜିକୁ ଆସିଲା ପ୍ଲାଜ୍‌ମା ମେଶିନ୍



**ଛତ୍ରପୁର,୩।୮ (ଡି.ଏନ.ଏ):** ବ୍ରହ୍ମପୁର ବ ମେଡିକାଲକୁ ପ୍ଲାଜ୍‌ମା ମେଶିନ୍ ଆସିଛି। ଏହାକୁ ବ୍ଲଡ ବ୍ୟାଙ୍କରେ ସ୍ଥାପନ କରାଯାଇଛି। ଖୁବଶୀଘ୍ର ଏଠାରେ ପ୍ଲାଜ୍‌ମା ସଂଗ୍ରହ ହେବ ବୋଲି ସୋମବାର ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ଅଗଷ୍ଟରେ ପ୍ଲାଜମା ସଂଗ୍ରହ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଟକ ଏସ୍‌ସିବି ମେଡିକାଲରେ ପ୍ଲାଜମା ହବ୍ ପ୍ରତିଷ୍ଠା ପରେ ସେଠାରୁ ୬ ୟୁନିଟ ପ୍ଲାଜମା ଏମ୍‌କେସିଜିକୁ ଆସିଥିଲା। ଉକ୍ତ ପ୍ଲାଜମା ଶୀତଳାପଲ୍ଲୀ ଟାଟା କୋଭିଡ୍ ହସ୍ପିଟାଲରେ ଗୁରୁତରଙ୍କୁ ଦିଆଯାଇଥିଲା। ୩ ଆକ୍ରାନ୍ତ ପ୍ଲାଜମା ଥେରାପି ନେଇ ସୁସ୍ଥ ହେଲେଣି।

### ୩ ଦୋକାନ ସିଲ୍

**ଛତ୍ରପୁର,୩।୮ (ଡି.ଏନ୍.ଏ.):** କୋଭିଡ୍ ନିୟମ ଉଲ୍ଲଂଘନ ନେଇ ଛତ୍ରପୁର ଏନ୍‌ଏସି ପ୍ରଶାସନ ପକ୍ଷରୁ ସୋମବାର ୩ଟି ଦୋକାନକୁ ୧୦ ଦିନ ପାଇଁ ସିଲ୍ କରାଯାଇଛି। ଏହାର ପୁନରାବୃତ୍ତି କଲେ ମାସେ ଦୋକାନ ବନ୍ଦ ହେବା ସହ ସମ୍ପୃକ୍ତ ଦୋକାନୀଙ୍କ ନାଁରେ ଥାନାରେ ଏତଲା ଦିଆଯିବ ବୋଲି କୁହାଯାଇଛି। ସେମାବାର ଛତ୍ରପୁର ବ୍ଲକରେ ୧୧ ଓ ଏନ୍‌ଏସିରେ ଆଉ ୫ ଏପରି ମୋଟ ୧୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ପୁତିଗୋପାଳପୁର ଓ ଗିଲଟିପେଟା ସାହିରୁ ଜଣେ ଲେଖାଏ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଛତ୍ରପୁର ଏନ୍‌ଏସିରେ ୮୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୬୩ ଜଣ ସୁସ୍ଥ ହୋଇଛନ୍ତି। ୨୧ ଜଣଙ୍କ ଚିକିତ୍ସା ଚାଲିଥିବାବେଳେ ଜଣଙ୍କ ମୃତ୍ୟୁ ହୋଇଛି।

### ସିସିସିରେ ଏଏସ୍‌ଆଇଙ୍କ ମୃତ୍ୟୁ

**ଭଞ୍ଜନଗର,୩।୮ (ଡି.ଏନ୍.ଏ):** ଗଞ୍ଜାମ ଜିଲା ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ କୋଭିଡ୍ କେୟାର ସେଣ୍ଟର (ସିସିସି)ରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ କୋଭିଡ୍ ଯୋଦ୍ଧା ପୋଲିସ ଏଏସ୍‌ଆଇଙ୍କ ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଗତ ୨୭ ତାରିଖରେ ତାଙ୍କର କରୋନା ରିପୋର୍ଟ ପଜିଟିଭ୍ ଆସିବାରୁ ଭଞ୍ଜନଗର କୋଭିଡ୍ କେୟାର ସେଣ୍ଟରରେ ରହି ଚିକିତ୍ସିତ ହେଉଥିଲେ। ସୋମବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏ ସମ୍ପର୍କରେ ପ୍ରଶାସନ କିମ୍ବା ପୋଲିସ ଉଚ୍ଚ ଅଧିକାରୀଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନି।

### ଚିକିତ୍ସାଧୀନ ଅବସ୍ଥାରେ ଅର୍ଦ୍ଧଦଗ୍ଧ ଛାତ୍ରୀଙ୍କ ମୃତ୍ୟୁ

**ଦିଗପହଣ୍ଡି,୩।୮ (ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ କୈଁଠଡା ପଞ୍ଚାୟତ ଦୁଆର ଗାଁରେ ବୁଧବାର ଅଗ୍ନିକାଣ୍ଡ ଘଟି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିବା ଛାତ୍ରୀ ମାମା ଓରଫ ମାମୁନି ନାୟକ ମଙ୍ଗଳବାର ଭୋରରେ ମୃତ୍ୟୁ ଘଟିଛି। କଟକ ବଡ଼ ଡ଼ାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଜଣାଇଛନ୍ତି। ଅଗ୍ନିକାଣ୍ଡରେ ଗ୍ରାମର ଭାଗୀରଥି ନାଇକଙ୍କ ୨ ବଖରା ଜଳି ଯାଇଥିଲା। ତାଙ୍କ ଝିଅ ମାମା ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ କରିଥିଲେ। ଘରେ ଡିବିରି ଲଗାଇ ଭାତ ବାଢୁଥିବା ବେଳେ ଅସାବଧାନତା କାରଣରୁ ନିଆଁ ଲାଗିଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଓ ଗ୍ରାମବାସୀ ଅର୍ଦ୍ଧଦଗ୍ଧ ଛାତ୍ରୀ ମାମିଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଭାଗୀରଥି ଜଣେ ଗରିବ ଅସହାୟ ବ୍ୟକ୍ତି ହୋଇଥିବାରୁ ସରକାରୀ ସହାୟତା ନିମନ୍ତେ ସ୍ଥାନୀୟ ସରପଞ୍ଚ ଦିଗପହଣ୍ଡି ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ଘଟଣା ସମ୍ପର୍କରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଜଣାଇବା ପରେ ତାଙ୍କ ଅନୁମୋଦନ କ୍ରମେ ଗୁରୁତର ଅସୁସ୍ଥ ଛାତ୍ରୀଙ୍କ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଗତ ଶନିବାର ଭାଗୀରଥିଙ୍କୁ ସହାୟତା ଅର୍ଥ ରାଶି ପ୍ରଦାନ କରିଥିଲେ।

# କରୋନା ନେଲାଣି ୧୦୬ ଜୀବନ

**ଛତ୍ରପୁର,୩।୮ (ଡି.ଏନ୍.ଏ.)**

ବାତ୍ୟା ହେଉକି ଅନ୍ୟ କେଉଁ ବିପର୍ଯ୍ୟୟର ପରିଚାଳନା ପାଇଁ ଗଞ୍ଜାମ ଜିଲା ସମ୍ମାନିତ ହୋଇଆସିଛି। ବିପର୍ଯ୍ୟୟ ବେଳେ ଜିରୋ କାଜୁଆଲିଟିକୁ ପୂର୍ବରୁ ଉଭୟ ଜିଲା ପ୍ରଶାସନ ଓ ସରକାର ପ୍ରାଧାନ୍ୟ ଦେଇ ଆସିଥିବା ବେଳେ ସେଥିରେ ସଫଳ ମଧ୍ୟ ହୋଇଛନ୍ତି। ରାଜ୍ୟରେ କରୋନା ପ୍ରାରମ୍ଭରେ ତଥା ମାର୍ଚ୍ଚ ଓ ଏପ୍ରିଲରେ ଏହାର ମୁକାବିଲା ଓ ପରିଚାଳନାରେ ଗଞ୍ଜାମ ଆଗରେ ରହିଥିଲା। ମାତ୍ର ପରେ ଜିଲାକୁ ପର୍ଯ୍ୟାୟକ୍ରମେ ୪ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିବାରେ ସବୁ ଓଲଟପାଲଟ ହୋଇଗଲା। ଏବେ ଜିଲାରେ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୧ ହଜାର ପାର୍ କରିଥିବା ବେଳେ କରୋନା ୧୦୬ ଜଣଙ୍କ ଜୀବନ ନେଲାଣି।

ଗଞ୍ଜାମର ଅର୍ଥନୀତି କୃଷି ଏବଂ ଗୁଜରାଟ, ତାମିଲନାଡୁ, ମହାରାଷ୍ଟ୍ର, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ଥିବା ପ୍ରବାସୀ ଓଡିଆମାନଙ୍କ ଉପରେ ନିର୍ଭର କରିଥାଏ। ଗତ ମାର୍ଚ୍ଚରେ କରୋନା ସଂକ୍ରମଣ ପ୍ରତିହତ ପାଇଁ ଲକ୍‌ଡାଉନ୍ ଘୋଷଣା ହେଲା। ବିଭିନ୍ନ ହଟସ୍ପଟ୍ ରାଜ୍ୟରୁ ଲକ୍ଷାଧିକ ପ୍ରବାସୀ ଫେରିବାରୁ ଜିଲାରେ ସଂକ୍ରମଣ ବ୍ୟାପିଲା। ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଗଞ୍ଜାମ ଉପରେ ଅଧିକ ଫୋକସ ଦେଲେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଭିତିଭୂମି ବୃଦ୍ଧି, ବହୁ ଅଧିକାରୀ,

**ଗଞ୍ଜାମ ଜିଲା**

ଡାକ୍ତରଙ୍କୁ ପଠାଇଛନ୍ତି। ଜିଲାରେ ଡାକ୍ତର, ଶିକ୍ଷକ, ପୋଲିସ, ଅଙ୍ଗନୱାଡି କର୍ମୀ, ଖବରଦାତା ପ୍ରମୁଖ କରୋନା ଯୋଦ୍ଧାଙ୍କ ମଧ୍ୟରେ ଶତାଧିକ ସଂକ୍ରମିତ ହେଲେଣି। କେତେକଙ୍କ ଜୀବନ ମଧ୍ୟ ଗଲାଣି। ବିଭିନ୍ନ ସମୟରେ ଅଟୋ, ରିକ୍ସାରେ ମୃତଦେହ ଯିବା, ସନ୍ଦିଗ୍ଧ କିମ୍ବା ଅନ୍ୟ କୌଣସି ରୋଗରେ ମୃତକଙ୍କ ସଂସ୍କାର ପାଇଁ କେହି ରାଜି ନ ହେବା, କୋଭିଡ୍ ହସ୍ପିଟାଲ, କେୟାର ସେଣ୍ଟରରେ ଅବ୍ୟବସ୍ଥା ଭିଡିଓ ବାରମ୍ବାର ଭାଇରାଲ ହେବା, ୫ଦିନ ପରେ ମୃତ୍ୟୁ ଖବର ଦିଆଯିବା, ରୋଗୀଙ୍କୁ ଆମ୍ବୁଲାନ୍ସ ନ ନେବା ଆଦି ଜିଲାବାସୀଙ୍କୁ ବ୍ୟଥିତ ତଥା ଭୟଭୀତ କରୁଛି।

ଏବେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ କରୋନା ପରିଚାଳନା ତରିକା ପରିବର୍ତ୍ତନ କରିଛନ୍ତି। ଯାହାର ସୁଫଳ ମଧ୍ୟ ମିଳୁଛି। ଗତ ୧୦ ଦିନ ମଧ୍ୟରେ ଟେଷ୍ଟ ମଧ୍ୟରୁ ୩୫ ପ୍ରତିଶତ କରୋନା ଟେଷ୍ଟ କରାଯାଇଛି। ଘରକୁ ଘର ଯାଇ ସ୍ୱାସ୍ଥ୍ୟ ସ୍କ୍ରିନି ଓ ଲକ୍ଷଣ ଥିଲେ ଟେଷ୍ଟ କରାଯାଉଛି। ଏଥିସହ କୋଭିଡ୍ କେୟାର କମିଟି ଓ କୋଭିଡ୍ ମନିଟର ମଧ୍ୟ ଟେଷ୍ଟ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ତେଣୁ ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଉଛି। ସରକାରଙ୍କ ପକ୍ଷରୁ ପଠାଯାଇଥିବା ପ୍ରଶାସନିକ ଓ ରାଜସ୍ୱ ଅଧିକାରୀ ମାନଙ୍କୁ ଓଏସଡି ଭାବେ ନିଯୁକ୍ତି ଦିଆଯାଇଛି। ଜିଲାରେ ୭ ହଜାରରୁ ଊର୍ଦ୍ଧ୍ୱ କରୋନାରୁ ସୁସ୍ଥ ମଧ୍ୟ ହେଲେଣି। ଯାହାକି ୬୮ ପ୍ରତିଶତ। ଏବେ ମାତ୍ର ୩୧ ପ୍ରତିଶତ ଚିକିତ୍ସିତ ହେଉଛନ୍ତି। ଜିଲାରେ କରୋନାରେ ୦.୯୪ ପ୍ରତିଶତଙ୍କ ମୃତ୍ୟୁ ହୋଇଛି। ଏ ନେଇ ପ୍ରଶାସନ ଗ୍ରାଫ୍ ଦ୍ୱାରା ବୁଝେଇଛି। ଜିଲାର ୮୬ ପ୍ରତିଶତ ଗାଁ ଗ୍ରୀନ୍ ଜୋନରେ ରହିଛି। ଜିଲା ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ଜିଲାକୁ ୨ ଆଇଏଏସ ଅଫିସର, ୧୮ ଓଏଏସ୍ ଅଫିସର, ୭୭ ଓଆରଏସ୍ ଅଫିସର, ୩୦ ଏମବିବିଏସ ଡାକ୍ତର, ୮୨ ଆୟୁଷ ଡାକ୍ତର ଓ ୨୭ ଲ୍ୟାବ୍ ଟେକ୍ନିସିଆନ୍ ପଠାଇଛନ୍ତି। ଜିଲାକୁ ୨ ଟି ଆଡଭାନ୍ସ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଆସିଛି। ମୋବାଇଲ ସ୍ୱାବ ସଂଗ୍ରହ ଗାଡି ମଧ୍ୟ ବୁଲୁଛି। ଜିଲାରେ ୩ କୋଭିଡ୍ ହସ୍ପିଟାଲ, ୯ କୋଭିଡ୍ କେୟାର ସେଣ୍ଟର, ୩ଟି ଜିଲା କୋଭିଡ୍ ହେଲଥ୍ ସେଣ୍ଟର ଏବଂ ୪୯୬ କୋଭିଡ୍ କେୟାର ହୋମ ବ୍ୟବସ୍ଥା କରାଯାଇଛି। ସେଥିରେ ପାଖାପାଖି ୧୦ ହଜାର ବେଡ୍ ରହିଛି। ବ୍ରହ୍ମପୁରରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ଚ୍ୟାଲେଞ୍ଜ ସଦୃଶ ହୋଇଛି। ଜିଲାର ସହରାଞ୍ଚଳ ମଧ୍ୟରୁ ଗୋପାଳପୁର ଏନ୍‌ଏସି କରୋନାମୁକ୍ତ ହୋଇଛି। ଲକ୍ଷଣ ନ ଲୁଚାଇବା, ମାସ୍କ ବ୍ୟବହାର ସହ କୋଭିଡ୍ ଗାଇଡଲାଇନ ପାଳନ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୁଣି ଅନୁରୋଧ କରିଛନ୍ତି।



ଭିଡିଓ କନ୍‌ଫରେନ୍ସରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ଜନସାଧାରଣଙ୍କ ପାଇଁ ଖୋଲିବ ସରକାରୀ ଅଫିସ

**ସଂକ୍ରମିତଙ୍କ ଚିକିତ୍ସା ଉପରେ ନଜର ରଖିବାକୁ ନିର୍ଦ୍ଦେଶ**

**ଛତ୍ରପୁର,୩।୮ (ଡି.ଏନ୍.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଭିଡିଓ କନଫରେନ୍ସ ଜରିଆରେ ଜିଲାର ସମସ୍ତ ଅଧିକାରୀ ମାନଙ୍କ ସହ କୋଭିଡ ୧୯ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତଳସ୍ତରରୁ କରୋନା ପରିଚାଳନା ଯେତେ ସୁଦୃଢ ହୋଇପାରିବ ସେହି ଅନୁପାତରେ ସଂକ୍ରମଣ କମିପାରିବ। ଜିଲାର ସମସ୍ତ ଅଞ୍ଚଳରେ ସ୍ୱାବ ସଂଗ୍ରହ ପ୍ରକ୍ରିୟାକୁ ବ୍ୟାପକ କରିବାକୁ ଜିଲାପାଳ ଜଣାଇଥିଲେ। ଆକ୍ଟିଭ କଣ୍ଟାକ୍ଟ ତାଲିକା ନିଜ ପାଖରେ ରଖିବା ଏବଂ ସେଗୁଡିକର ପରିଚାଳନା ବରାବର ଦେଖିବାକୁ କହିଥିଲେ। ସଂକ୍ରମିତଙ୍କୁ କୋଭିଡ କେୟାର ସେଣ୍ଟରରୁ ସ୍ଥାନାନ୍ତରିତ କରି ଉଚ୍ଚ ଚିକିତ୍ସା ନିମନ୍ତେ ଟାଟା କିମ୍ବା ଏମକେସିଜି ପଠାଇବା ପରେ ସେମାନଙ୍କର ଚିକିତ୍ସା ଯେପରି ଠିକ ଭାବେ ହେବ ସେଥିପ୍ରତି ନଜର ରଖିବାକୁ ସମସ୍ତଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ଦୂରତ୍ୱ ବଜାୟ ରଖିବା ଦିଗରେ ଯେଉଁସବୁ ନିୟମ ପ୍ରଣୟନ କରାଯାଇଛି ସେଗୁଡିକ କଡାକଡି ପାଳନ କରିବାକୁ କୁହାଯାଇଛି। ସ୍ଥାନୀୟ ବଜାର କମିଟି ସହ ଆଲେଚନା କରି ପଞ୍ଚ ସୂତ୍ରୀ ପ୍ରଚଳନ ଯେପରି ଠିକ ହେବ ତାହା ଉପରେ ନଜର ରଖିବା, ହୋମ ଆଇସୋଲେଶନରେ ଥିବା ସଂକ୍ରମିତ ନିୟମ ପାଳନ କରୁଛନ୍ତି ନାଁ ନାହିଁ ତାହା ନଜର ରଖିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ଜଣାଇଥିଲେ। କଣ୍ଟେନମେଣ୍ଟ ଜୋନ ଅଞ୍ଚଳରେ ପ୍ରବେଶ ଓ ପ୍ରସ୍ଥାନକୁ ବାରଣ କରାଯାଇଛି। ସେହି ଅଞ୍ଚଳର ବାସିନ୍ଦାଙ୍କ ନିମନ୍ତେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ ପରିଚାଳନାକୁ ଗୁରୁତ୍ୱ ଦେବା, ସ୍ୱାସ୍ଥ୍ୟଟିମ ଦ୍ୱାରା ଘରକୁ ଘର ବୁଲି କରାଯାଉଥିବା ସ୍ୱାସ୍ଥ୍ୟଯାଞ୍ଚ କାର୍ଯ୍ୟ ପରିଚାଳନାକୁ ସୁଦୃଢ କରିବାପାଇଁ କୁହାଯାଇଛି। ଗଞ୍ଜାମ ଜିଲାରେ ଜନ ସାଧାରଣଙ୍କ ନିମନ୍ତେ ସରକାରୀ କାର୍ଯ୍ୟାଳୟ ଖୋଲାଯିବ। କିନ୍ତୁ ଶତକଡା ପଚାଶ ପ୍ରତିଶତ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହି ସେବା ପ୍ରଦାନ କରିବେ ବୋଲି ଜଣାପଡିଛି।

### ରାସ୍ତା ସଫାକଲେ ଯୁବଗୋଷ୍ଠୀ

**କାଶୀନଗର,୩।୮, (ଡି.ଏନ୍.ଏ.):**

କାଶୀନଗର ଏନ୍‌ଏସି ଅଧୀନ ୭ନଂ. ୱାର୍ଡ ବ୍ରାହ୍ମଣସାହିର ଯୁବଗୋଷ୍ଠୀ ନିଜ ଉଦ୍ୟମରେ ରାସ୍ତା ସଫା କରିଛନ୍ତି। ନଦୀକୁ ଯାଉଥିବା ରାସ୍ତାଟି ଗଛଲତା ବଢ଼ି ସଙ୍କୁଚିତ ହୋଇଥିଲା। ଏହାଦ୍ୱାରା ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିଲା। ଏହି ରାସ୍ତା ଉପରେ ୫ଟି ୱାର୍ଡର ଲୋକେ ନିର୍ଭରଶୀଳ। କିନ୍ତୁ ରାସ୍ତା ସଙ୍କୁଚିତ ହୋଇଥିଲା। ଲୋକେ ଏହି ରାସ୍ତାରେ ଯିବାକୁ ଭୟ କରୁଥିଲେ। ଏ ନେଇ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ମୌଖିକଭାବେ ଅନେକଥର ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ଯୁବଗୋଷ୍ଠୀ ମିଶି ଟଙ୍କା ଆଦାୟକରି ଜେସିବି ସାହାଯ୍ୟରେ ରାସ୍ତା ସଫା କରିଛନ୍ତି। ସୂଚନାଯୋଗ୍ୟ, କରୋନା ପରିସ୍ଥିତି ଯୋଗୁ କାଶୀନଗରର ଦୈନିକ ବଜାର ନଦୀକୂଳକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଦୁଇ ରାସ୍ତାରୁ ଗୋଟିଏ ରାସ୍ତା ବନ୍ଦ ହୋଇଛି। ବଜାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଖୋଲା ରହୁଥିବାବେଳେ ପରେ ଏହି ସ୍ଥାନରେ ରାତି ପର୍ଯ୍ୟନ୍ତ ଅସାମାଜିକଙ୍କ ଆଡ୍ଡା ଜମୁଛି। ତେଣୁ ଲୋକେ ଏହି ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ପ୍ରଶାସନ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

## ବାଳସୁଧାର ଗୃହରେ ୫ ପଜିଟିଭ୍




ସରକାରୀ ସ୍ୱତନ୍ତ୍ର ଆବାସ।

■ ୫୦କୁ ଛୁଇଁଲା ଆକ୍ରାନ୍ତଙ୍କ ସଂଖ୍ୟା

■ ଡେପୁଟେଶନରେ ଗଲେ ଡାକ୍ତର

**ବ୍ରହ୍ମପୁର ଅଫିସ,୩।୮**

ବ୍ରହ୍ମପୁର ମଣ୍ଡଳ କାରାଗାର ପରେ ଏବେ ଜରଡ଼ା ବଙ୍ଗଳା ରାସ୍ତାରେ ଥିବା ବାଳ ସୁଧାର ଗୃହରେ ଗତ ୧ ତାରିଖରେ ୪୫ ଅନ୍ତେବାସୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସୋମବାର ପୁଣି ୫ ଅନ୍ତେବାସୀଙ୍କ ରିପୋର୍ଟ ପଜିଟିଭ ଆସିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ ଷଡଙ୍ଗୀ ସୂଚନା ଦେଇଛନ୍ତି। ବାଳସୁଧାର ଗୃହରେ ଥିବା ୫୦ ଅନ୍ତେବାସୀ ଏବେ କରୋନାରେ ଆକ୍ରାନ୍ତ ହୋଇସାରିଲେଣି ବୋଲି ସେ କହିଛନ୍ତି। ସମସ୍ତ ଅନ୍ତେବାସୀଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି। ଘଟଣା ପରେ ଡିସିପିଓ ଷଡଙ୍ଗୀ ବାଳ ସୁଧାର ଗୃହର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣେ ଡାକ୍ତରଙ୍କୁ ଡେପୁଟେଶନରେ ବାଳସୁଧାର ଗୃହକୁ ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆକ୍ରାନ୍ତ ହୋଇଥିବା ଅନ୍ତେବାସୀଙ୍କୁ ୫ ଦିନ ପାଇଁ ଔଷଧ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଥିବା ନେଇ ଡିସିପିଓ ସୂଚନା ଦେଇଛନ୍ତି। ଅନ୍ୟପଟେ ଉକ୍ତ ସୁଧାର ଗୃହର କେତେଜଣ କର୍ମଚାରୀଙ୍କୁ ଜ୍ୱର, ଥଣ୍ଡା ହୋଇଥିବା ଜଣାପଡିଛି। ତେଣୁ ଖୁବଶୀଘ୍ର ସମସ୍ତଙ୍କର କୋଭିଡ୍ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ସେହିପରି ଉକ୍ତ କର୍ମଚାରୀଙ୍କ ବଦଳରେ ଆବଶ୍ୟକ କର୍ମଚାରୀ ଯୋଗାଇବା ପାଇଁ ସୁଧାର ଗୃହ ଅଧୀକ୍ଷକ ପି.କେ.ହାରା ବ୍ରହ୍ମପୁର ଏସ୍‌ପି ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ଦିଆଯାଇଛି।

ଓଡିଶାର ୧୨ ଜିଲାରୁ ବାଳ ଅପରାଧରେ ସମ୍ପୃକ୍ତ ଥିବା ନାବାଳକଙ୍କୁ ଏଠାକୁ ପଠା ଯାଇଥାଏ। ଏଠାରେ ୧୦୦ ଅନ୍ତେବାସୀ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ୭୨ ଜଣଙ୍କୁ ଜ୍ୱର ହେବାରୁ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ଗତ ୧ ତାରିଖରେ ୪୫ ଅନ୍ତେବାସୀଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସେମାନଙ୍କୁ ସଙ୍ଗରୋଧ କକ୍ଷରେ ରଖାଯାଇଛି।

## ବାରଣ୍ଡାରେ ଚିକିତ୍ସିତ ହେଲେ ସନ୍ଦିଗ୍ଧ

**ଏମ୍‌କେସିଜିରେ ଶଯ୍ୟା ଅଭାବ**

**ବ୍ରହ୍ମପୁର ଅଫିସ,୩।୮**

କରୋନା ଏବେ ଜିଲାରେ ସାଂଘାତିକ ସ୍ଥିତିରେ ପହଞ୍ଚିଛି। କରୋନା ଗଞ୍ଜାମ ଜିଲା ପାଇଁ ଘାତକ ସାଜିଛି। ପ୍ରତିଦିନ ବହୁ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏହି ଧାରାରେ ବ୍ରହ୍ମପୁର ମହାନଗର ନିଗମର କୁଠାରୀ ମନ୍ଦିର ସାହିର ଜଣେ ଯୁବକଙ୍କର ଗତ ୨୮ ତାରିଖରେ କୋଭିଡ୍‌ରେ ମୃତ୍ୟୁ ଘଟିଥିଲା। ତାଙ୍କ ଭାଇଙ୍କର ଗତ ୨୯ତାରିଖରେ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ସେ ରବିବାର ରାତିରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲ ସଙ୍ଗରୋଧ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ବେଡ୍ ନ ଥିବାରୁ ତାଙ୍କୁ ବାରଣ୍ଡାରେ ବସାଇ ମେଡିକାଲ କର୍ମଚାରୀ ଅକ୍ସିଜେନ୍ ଦେଇଥିଲେ। ଜଣେ କରୋନା ସନ୍ଦିଗ୍ଧଙ୍କୁ ବାରଣ୍ଡାରେ ବସାଇ ଚିକିତ୍ସା କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ମେଡିକାଲରେ ରୋଗୀଙ୍କୁ ମାସ୍କ ଦିଆ ନ ଯିବା ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଏନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଡା.ସନ୍ତୋଷ କୁମାର ମିଶ୍ର କୁହନ୍ତି, ମେଡିକାଲରେ ୮୦ ଶଯ୍ୟା ବିଶିଷ୍ଟ ସଙ୍ଗରୋଧ କେନ୍ଦ୍ର ରହିଛି। ଯୁବକ ଜଣକ ମେଡିକାଲରେ ପହଞ୍ଚିବା ବେଳକୁ ବେଡ୍ ଖାଲି ନ ଥିଲା। ଏଣୁ ତାଙ୍କୁ କିଛି ସମୟ ପାଇଁ ବାରଣ୍ଡାରେ ଚିକିତ୍ସା କରାଯାଇ ପରେ ମେଡିକାଲ ପରିସରରେ ଉଦ୍‌ଘାଟିତ ହୋଇଥିବା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

## ୧୦ ବସ୍ତା ଗଞ୍ଜେଇ ଜବତ, ଜଣେ ଗିରଫ



ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ।

**ଆର.ଉଦୟଗିରି,୩।୮ (ଡି.ଏନ୍.ଏ.)**

ଗଜପତି ଜିଲା ଅଡବା ଥାନା ଗୁଲୁବା ନିକଟସ୍ଥ ଗାଲିମେରା-କେମପଦର ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୧୦ ବସ୍ତା ଗଞ୍ଜେଇ ଜବତ କରିଛି। ଉକ୍ତ ଗଞ୍ଜେଇ ଚାଲାଣ କରିବାକୁ ଗାଡ଼ିକୁ ଅପେକ୍ଷା କରିଥିବା କେମପଦର ଗ୍ରାମର ବସନ୍ତ ବୀରଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇକୁ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଂଶୀଧର ଖୋସଲାଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ବସ୍ତାଗୁଡିକରେ ଥିବା ମୋଟ ୨୩୯ କି.ଗ୍ରା. ଗଞ୍ଜେଇ ଅନ୍ୟ ଜିଲାକୁ ଚାଲାଣ କରିବାକୁ ଅଭିଯୁକ୍ତ ଅପେକ୍ଷା କରିଥିଲେ ବୋଲି ଅଡବା ଥାନା ଭାରପ୍ରାପ୍ତ ଅଧିକାରୀ ଆଲୋକ ରଞ୍ଜନ ଜଗଦଲା ସୂଚନା ଦେଇଛନ୍ତି। ଏ ନେଇ ନଂ.୬୧/୨୦ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଜିଆଇ ତାର ସହ ୨ ଶିକାରୀ ଗିରଫ

**ଭଞ୍ଜନଗର, ୩।୮ (ଡି.ଏନ୍.ଏ.):** ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳର କାଳିଆମ୍ବା ସଂରକ୍ଷିତ ଜଙ୍ଗଲରେ ରବିବାର ରାତିରେ ଶିକାରୀମାନେ ତାରରେ ହୁକିଂ କରି ବନ୍ୟଜନ୍ତୁ ଶିକାର ଯୋଜନା କରିଥିଲେ। ବନ ବିଭାଗ କର୍ମଚାରୀ ଓ ସାଉଥ୍‌କୋ କର୍ମଚାରୀ କୌଣସି ସୂତ୍ରରୁ ଏହି ସୂଚନା ପାଇ ସେଠାରେ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଷଡ଼ଙ୍ଗୀପଲ୍ଲୀର ସନ୍ତୋଷ ଦାସ ଓ ବାଦଲ ନାଇକ। ଉଭୟଙ୍କ ଠାରୁ ୨୦ ମିଟର ସର୍ଭିସ୍ ତାର, ୩କେଜି ଜିଆଇ ତାର, ୫୫ଟି ଇନସୁଲେଟର ପାଇଁ ବ୍ୟବହୃତ ବୋତଲ, ୫୫ ଖଣ୍ଡ ବାଡ଼ି ଓ ଗୋଟିଏ ଟାଙ୍ଗିଆ ଜବତ କରାଯାଇଛି। ସୋମବାର ଭଞ୍ଜନଗର କୋର୍ଟରେ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇବରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବନପାଳ ଶରତ ମହାନ୍ତି, ବନରକ୍ଷୀ ମନୋଜ ନାୟକ, ସନ୍ତୋଷ କୁମାର ପ୍ରଧାନ ଓ ସାଉଥ୍‌କୋ ଯନ୍ତ୍ରୀ ଏବଂ ଲାଇନମ୍ୟାନ୍ ଚଢ଼ାଉରେ ସାମିଲ ଥିଲେ।

### ବାଇକ୍ ଉଦ୍ଧାର: ଜଣେ ଗିରଫ

**ଆସିକା,୩।୮ (ଡି.ଏନ୍.ଏ.):** ଆସିକା ଥାନା ସାପୁଆପଲ୍ଲୀ ଗ୍ରାମରୁ ଗତ ଶୁକ୍ରବାର ରାତିରେ ଚୋରି ହୋଇଥିବା ଏକ ବାଇକକୁ ପୋଲିସ ସୋମବାର ବୁଗୁଡାରୁ ଉଦ୍ଧାର କରିଛି। ବାଇକ୍ ମାଲିକ ବାଳକୃଷ୍ଣ ପାଳଙ୍କୁ ତାହା ହସ୍ତାନ୍ତର କରାଯାଇଛି। ଏହି ମାମଲାରେ ଗ୍ରାମର ବ୍ରିଟିଶ ନାହାକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଏ ନେଇ ନଂ.୩୯୦/୨୦ରେ ମାମଲା ରୁଜୁ କରାଯାଇଥିଲା।

## ସିଲ୍ ଦୋକାନ ଖୋଲିବାକୁ ପ୍ରଶାସନର ଅନୁମତି

■ ଜରିମାନା, ଅଣ୍ଡରଟେକିଂ ଦେଇ ଖୋଲାଯିବ

■ ଟୁଇଟ୍ କରି ସୂଚନା ଦେଲେ ଉପଜିଲାପାଳ

**ବ୍ରହ୍ମପୁର ଅଫିସ, ୩।୮**

ବ୍ରହ୍ମପୁର ସହର ଓ ଉପଖଣ୍ଡ ଅଞ୍ଚଳରେ ସାମାଜିକ ଦୂରତା ନିୟମ ତଥା ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରଶାସନ ପକ୍ଷରୁ ସିଲ ହୋଇଥିବା ସମସ୍ତ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ଏନେଇ ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ ଦ୍ୱାରା ସୂଚାଯାଇଛି। ଦୋକାନୀମାନେ ତହସିଲଦାରଙ୍କ ସହ ଯୋଗାଯୋଗ କରି ନିର୍ଦ୍ଧାରିତ ଜରିମାନା ଓ ଅଣ୍ଡରଟେକିଂ ଦେଇ ଦୋକାନ ଖୋଲିପାରିବେ। ତେବେ ଆଗାମୀ ଦିନରେ ପୁନର୍ବାର ନିୟମ ଉଲ୍ଲଂଘନ କଲେ ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଟୁଇଟ୍‌ରେ ସୂଚାଇଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ସହରରେ ୩୨୮ ଦୋକାନକୁ ଲକ୍‌ଡାଉନ୍ ତଥା ସାମାଜିକ ଦୂରତା ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିଲା। ୩୦ ଲକ୍ଷ ୯୫ ହଜାର ୭୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ବ୍ୟତୀତ ୫୩ ଜଣଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବୃକ୍ଷରେ ବାନ୍ଧିଲେ ରକ୍ଷାକବଚ, ସୁରକ୍ଷାକୁ ଆହ୍ୱାନ

**ସବୁଜବାହିନୀର ନିଆରା ପ୍ରୟାସ**

**ବ୍ରହ୍ମପୁର ଅଫିସ,୩।୮**

କରୋନା ପାଇଁ ରକ୍ଷାବନ୍ଧନ ପର୍ବ ଫିକା ପଡିଛି। ଏଭଳି ସ୍ଥିତିରେ ମାନବ ସମାଜର ରକ୍ଷାକବଚ ବୃକ୍ଷ ସୁରକ୍ଷା ଦିଗରେ ସଚେତନତା ନେଇ ବ୍ରହ୍ମପୁର ସବୁଜ ବାହିନୀ ଏକ ନିଆରା ପ୍ରୟାସ କରିଛନ୍ତି। ରକ୍ଷାବନ୍ଧନ ଅବସରରେ ବ୍ରହ୍ମପୁର ସହରରେ ପୁନର୍ବାର ରୋପଣ କରିଥିବା ବୃକ୍ଷରେ ସଂଗଠନ କର୍ମକର୍ତ୍ତାମାନେ ରକ୍ଷାକବଚ ବାନ୍ଧି ବୃକ୍ଷ ସୁରକ୍ଷା ସହ ସମାଜ ଓ ପରିବେଶ ପାଇଁ ଏହାର ଗୁରୁତ୍ୱ ଉପରେ ବାର୍ତ୍ତା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗତ ୪ରୁ ୬ ମାସ ମଧ୍ୟରେ



ସବୁଜବାହିନୀ ପକ୍ଷରୁ ବୃକ୍ଷରେ ରକ୍ଷା କବଚ ବନ୍ଧାଯାଉଛି।

ସଂଗଠନ ଦ୍ୱାରା ପୁନର୍ବାର ରୋପଣ କରାଯାଇଥିବା ୧୫ରୁ ଊର୍ଦ୍ଧ୍ୱ ବୃକ୍ଷରେ କର୍ମକର୍ତ୍ତାମାନେ ରକ୍ଷାକବଚ ବାନ୍ଧିଥିଲେ। ବୃକ୍ଷକୁ ସୁରକ୍ଷା କରିବା ନିମନ୍ତେ ସଂକଳ୍ପ ନେବାକୁ ସେମାନେ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ସାରା ବିଶ୍ୱରେ ଯେଭଳି ଅଭାବନୀୟ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି ତାର ପ୍ରଶମନ ନିମନ୍ତେ ବୃକ୍ଷ ସୁରକ୍ଷା ଅପରିହାର୍ଯ୍ୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଥିଲା। ସବୁଜ ବାହିନୀ ପକ୍ଷରୁ ପୂର୍ବରୁ ବିଭିନ୍ନ ବିପର୍ଯ୍ୟୟରେ ସୁରକ୍ଷା ପ୍ରଦାନ କରାଯାଇଥିବା ହରିଡାଖଣ୍ଡି ମୁଖ୍ୟରାସ୍ତା, ଗାନ୍ଧୀନଗର, ପଞ୍ଚୁ ଦେବାଳୟ ମଠ, ବ୍ୟାଙ୍କ କଲୋନୀ, ପୁରୁଣା ବ୍ରହ୍ମପୁର ହାଇସ୍କୁଲ ନିକଟରେ ଥିବା ବୃକ୍ଷରେ କର୍ମକର୍ତ୍ତାମାନେ ରକ୍ଷା ଡୋର ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମରେ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଦୀପକ କୁମାର ପାତ୍ର, ଏ.ପ୍ରକାଶ, ସୁଶୀଲ କୁମାର, ଶିବରାମ ବେହେରା, ବନମାଳୀ ପ୍ରଧାନ, ସତ୍ୟ ନାରାୟଣ ଦାସ, ବିଷ୍ଣୁ ପ୍ରସାଦ ଦାସ, ଦିଲୀପ ଆଚାରୀ, ସାଗର ସାହୁ, ନରେଶ ଆଚାରୀ ଓ ପ୍ରସନ୍ନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

